# NATIONAL NEWS BULLETIN (ODIA)

## 30 May - 2024

## Morning Bulletin : 7.15 A.M.

***********************************

## ମୁଖ୍ୟ ସମ୍ବାଦ

- ଦେଶରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ଆଜି ସନ୍ଧ୍ୟାରେ ଶେଷ ହେବ ପ୍ରଚାର କାର୍ଯ୍ୟ ।

– ଶନିବାର ଭୋଟ ଗ୍ରହଣ ।

- ସାଧାରଣ ନିର୍ବାଚନ ୨୦୨୪ରେ କୌଣସି ଯୋଗ୍ୟ ମତଦାତା ଯେଭଳି ନିଜର ମତାଧିକାର ସାବ୍ୟସ୍ତ କରିବାରୁ ବଞ୍ଚିତ ହେବେ ନାହିଁ ସେଥିଲାଗି ନିର୍ବାଚନ ଆୟୋଗ ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି ।

- ନାଗରିକତା ସଂଶୋଧନ ଆଇନ୍ ୨୦୨୪ ଅଧୀନରେ ଗତକାଲି ପଶ୍ଚିମବଙ୍ଗ, ହରିଆନା ଓ ଉତ୍ତରାଖଣ୍ଡରେ ପ୍ରଥମ ପର୍ଯ୍ୟାୟ ନାଗରିକତା ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି ।

- ବ୍ୟାଙ୍କକ୍‌ରେ ଚାଲିଥିବା ବିଶ୍ୱ ଅଲିମ୍ପିକ୍ ବକ୍ସିଂ ଯୋଗ୍ୟତା ପ୍ରତିଯୋଗିତାରେ ବିଜୟ ଅଭିଯାନ ଜାରି ରଖିଛନ୍ତି ଭାରତୀୟ ଖେଳାଳି ।

ଏବଂ

- ଦକ୍ଷିଣ ପଶ୍ଚିମ ମୌସୁମୀ ଆଜି କେରଳ ଛୁଇଁବ ବୋଲି ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ ।

## ସେଭେନ୍ ଫେଜ୍-ଓଡ଼ିଶା କ୍ୟାମ୍ପେନିଂ

ଦେଶରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ଆଜି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହେବ । ଏହି ପର୍ଯ୍ୟାୟରେ ୮ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୋଟ୍ ୫୭ଟି ଆସନ ଲାଗି ଆସନ୍ତା ଶନିବାର ଦିନ ଭୋଟ୍ ଗ୍ରହଣ କରାଯିବ । ସେଥିମଧ୍ୟରେ ଉତ୍ତରପ୍ରଦେଶ ଓ ପଞ୍ଜାବର ୧୩ଟି ଲେଖାଏଁ ଆସନ, ପଶ୍ଚିମବଙ୍ଗର ୯ଟି, ବିହାରର ୮ଟି, ଓଡ଼ିଶାର ୬ଟି, ହିମାଚଳ ପ୍ରଦେଶର ୪ଟି, ଝାଡ଼ଖଣ୍ଡର ୩ଟି ଓ ଚଣ୍ଡିଗଡ଼ର ଗୋଟିଏ ଲୋକସଭା ଆସନ ଅନ୍ତର୍ଭୁକ୍ତ ।

ଆସନ୍ତା ଶନିବାର ଦିନ ଓଡ଼ିଶାରେ ମଧ୍ୟ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ୬ଟି ସଂସଦୀୟ କ୍ଷେତ୍ର ଏବଂ ଏହାର ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ଲାଗି ଏକ ସଙ୍ଗେ ମତଗ୍ରହଣ କରାଯିବ । ଏହି ସଂସଦୀୟ କ୍ଷେତ୍ର ଗୁଡ଼ିକ ହେଉଛି ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ଜଗତସିଂହପୁର । ଆସନ୍ତା ମାସ ୪ ତାରିଖ ଦିନ ସମସ୍ତ ପର୍ଯ୍ୟାୟ ନିର୍ବାଚନର ଭୋଟ ଗଣତି କରାଯିବ ।

ନିର୍ବାଚନ ଲାଗି ଇତିମଧ୍ୟରେ ବିଭିନ୍ନ ରାଜୈନତିକ ଦଳ ପକ୍ଷରୁ ବରିଷ୍ଠ ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଜନସମାବେଶ ଓ ର୍ୟାଲି କରିବା ସହିତ ଘରକୁ ଘର ବୁଲି ଭୋଟରଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ।

ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଅବସରରେ ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଗତକାଲି ଓଡ଼ିଶାରେ ବିଭିନ୍ନ ସ୍ଥାନରେ ନିଜ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ଶ୍ରୀ ମୋଦୀ ଗତକାଲି ମୟୂରଭଞ୍ଜ ଲୋକସଭା ନିର୍ବାଚନ ମଣ୍ଡଳୀର ବାରିପଦାଠାରେ, ବାଲେଶ୍ୱରର ରେମୁଣା ଏବଂ କେନ୍ଦ୍ରାପଡ଼ାର ନିର୍ବାଚନ ମଣ୍ଡଳୀର ବାରୁଆ ଠାରେ ତିନୋଟି ପୃଥକ ପୃଥକ ନିର୍ବାଚନୀ ସମାବେଶରେ ଉଦ୍‌ବୋଧନ ଦେଇ ବିଜେପିକୁ ଭୋଟ ଦେବା ଲାଗି ଜନସାଧାରଣଙ୍କୁ ନିବେଦନ କରିଥିଲେ । ସେ କହିଛନ୍ତି, ପ୍ରଚାରର ଶେଷ ପର୍ଯ୍ୟାୟରେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଓଡ଼ିଶାର ମତଦାତାଙ୍କ ମଧ୍ୟରେ ବିଜେପି ସପକ୍ଷରେ ଏକ ଉତ୍ସାହ ପରିଲକ୍ଷିତ ହୋଇଛି । ତେଣୁ ଆସନ୍ତା ୪ ତାରିଖ ଦିନ ଫଳାଫଳ ଘୋଷଣା ହେବା ପରେ କେନ୍ଦ୍ରରେ ତୃତୀୟ ଥର ଲାଗି ଏକ ମଜବୁତ ମୋଦୀ ସରକାର ଗଠନ ହେବ ବୋଲି ଶ୍ରୀ ମୋଦୀ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ଅନ୍ୟ ପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ଖଡ଼ଗେ ବାଲେଶ୍ୱର ଠାରେ ଆୟୋଜିତ ଏକ ଜନସମାବେଶରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଗରିବ ବିରୋଧୀ ଓ କୃଷକ ବିରୋଧୀ ଭାବେ ଅଭିହିତ କରିଛନ୍ତି । ସେ କହିଛନ୍ତି, ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ କେନ୍ଦ୍ରରେ ଇଣ୍ଡି ମେଣ୍ଟ ସରକାର ଗଠନ କରିବ ଏବଂ ଦୁଇ ମାସ ମଧ୍ୟରେ ୩୦ଲକ୍ଷ  ବେକାର ଯୁବବର୍ଗଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ।

କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି ଆଜି ଓଡ଼ିଶା ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି । ଏହି ଅନ୍ତିମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପିର ନେତା ପ୍ରତାପ ଷଡ଼ଙ୍ଗୀ, ବିଜେପିର ଜାତୀୟ ଉପାଧ୍ୟକ୍ଷ ବୈଜନ୍ତ ପଣ୍ଡା ଏବଂ କଂଗ୍ରେସର ଶ୍ରୀକାନ୍ତ କୁମାର ଜେନା ଅନ୍ତର୍ଭୁକ୍ତ । ସେହିଭଳି ଏହି ପର୍ଯ୍ୟାୟ ଲୋକସଭା ନିର୍ବାଚନ ସହିତ ରାଜ୍ୟ ବିଧାନସଭା ଲାଗି ହେଉଥିବା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବିଜେଡ଼ିର ବରିଷ୍ଠ ନେତା ତଥା ମନ୍ତ୍ରୀ ଅତନୁ ସବ୍ୟସଚି ନାୟକ, ଅଶ୍ୱିନୀ ପାତ୍ର, ତୁଷାରକାନ୍ତୀ ବେହେରା, ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରମୁଖ ରହିଛନ୍ତି ବୋଲି  ଆମ ସମ୍ବାଦଦାତା ଜଣାଇଛନ୍ତି ।

## ୟୁପି-କ୍ୟାମ୍ପେନ୍

ସପ୍ତମ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ସାଧାରଣ ନିର୍ବାଚନର ପ୍ରଚାର ଶେଷ ଦିବସରେ ଉତ୍ତରପ୍ରଦେଶରେ ମଧ୍ୟ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ସରଗରମ ହୋଇଛି । ଆମ ସମ୍ବାଦଦାତା ଜଣାଇଛନ୍ତି, ବିଜେପିର ବରିଷ୍ଠ ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ରାଜ୍ୟର କୁଶିନଗର, ରୋବଟସ୍‌ଗଞ୍ଜ ଏବଂ ଚାନ୍ଦାଉଲି ସଂସଦୀୟ ନିର୍ବାଚନ ମଣ୍ଡଳୀ ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ।

ଏହାଛଡ଼ା ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ କୁଶିନଗର ଓ ସୋନଭାଦ୍ରା ନିର୍ବାଚନ ମଣ୍ଡଳୀରେ ରୋଡ୍ ଶୋ'ରେ ଭାଗ ନେବାକୁ ଥିବା ବେଳେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମଧ୍ୟ ଆଜି ମହାରାଜଗଞ୍ଜ ଏବଂ ଘୋଷି ନିର୍ବାଚନ ମଣ୍ଡଳୀରେ ନିର୍ବାଚନୀ ପ୍ରଚାର କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ବିହାର-କ୍ୟାମ୍ପେନିଂ

ବିହାରରେ ଅନ୍ତିମ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ୮ଟି ସଂସଦୀୟ ଆସନ ଲାଗି ମତଦାନ ହେବ । ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଏନ୍.ଡି.ଏ., ଇଣ୍ଡି ମେଣ୍ଟ ଏବଂ ଅନ୍ୟାନ୍ୟ ରାଜନୈତିକ ଦଳ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ

ନିର୍ବାଚନୀ ର୍ୟାଲି ଓ ରୋଡ୍ ଶୋ' ମାନ କରାଯାଉଛି । ରାଜ୍ୟ ବିଜେପି ସଭାପତି ତଥା ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଗତକାଲି ପାଟଳୀପୁତ୍ର ସଂସଦୀୟ ନିର୍ବାଚନ ମଣ୍ଡଳୀର ଦୀଘା ଠାରେ ଏକ ରୋଡ୍ ଶୋ'ରେ ଅଂଶଗ୍ରହଣ କରି କହିଛନ୍ତି, ବିହାରର ସାମଗ୍ରୀକ ବିକାଶ ନ ହୋଇ ପାରିବାର ଏକମାତ୍ର କାରଣ ହେଉଛନ୍ତି ଆର୍.ଜେ.ଡି. ଏବଂ କଂଗ୍ରେସ ଦଳ । ଏହି ଅବସରରେ ଶ୍ରୀ ଚୌଧୁରୀ ନାଳନ୍ଦା, ଜେହାନାବାଦ ଓ କାରାକାଟ ସଂସଦୀୟ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଜନସମାବେଶରେ ଉଦ୍‌ବୋଧନ ଦେଇଥିଲେ ।

ସେହିଭଳି ଏଲ୍.ଜେ.ପି.ର ମୁଖ୍ୟ ଚିରାଗ ପାଶଓ୍ୱାନ୍ ଗତକାଲି ବକ୍ସାର, କାରାକାଟ ଓ ଜେହାନାବାଦ ଠାରେ ଏବଂ ଆର୍.ଜେ.ଡି. ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଏବଂ ଦଳର ଅନ୍ୟତମ ନେତା ତେଜସ୍ୱୀ ଯାଦବ ମଧ୍ୟ ପାଟଳୀପୁତ୍ର ସଂସଦୀୟ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ ।

## ଝାଡ଼ଖଣ୍ଡ-କ୍ୟାମ୍ପେନିଂ

ଝାଡ଼ଖଣ୍ଡର ଗୋଡା, ଡୁମକା ଓ ସାହିବଗଞ୍ଜ ଲୋକସଭା ଆସନ ଲାଗି ଆସନ୍ତା ଶନିବାର ଦିନ ମତଦାନ ହେବ । ଏଥିଲାଗି ବିଭିନ୍ନ ଦଳର ନେତୃବୃନ୍ଦ ରାଜ୍ୟରେ ପ୍ରଚାର ଜୋର୍‌ଦାର କରିଛନ୍ତି । କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି ଆଜି ଡୁମ୍‌କା ଠାରେ ଏକ ଜନସମାବେଶରେ ଉଦ୍‌ବୋଧନ ଦେବାକୁ

ଥିବା ବେଳେ ରାଜ୍ୟ ବିଜେପି ସଭାପତି ବାବୁଲାଲ ମାରାଣ୍ଡି ଗୋଡା ଓ ସାହିବଗଞ୍ଜ ଠାରେ ନିର୍ବାଚନୀ ର୍‍ୟାଲିରେ ଅଂଶଗ୍ରହଣ କରିବେ । ମୁଖ୍ୟମନ୍ତ୍ରୀ ଚମ୍ପେଇ ସୋରେନ ଆଜି ଗୋଡା, ଡୁମ୍‌କା ଓ ସାହିବଗଞ୍ଜ ଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ  ପ୍ରଚାର କରିବାକୁ ଥିବା ବେଳେ ଆର୍.ଜେ.ଡି. ଓ ବାମପନ୍ଥୀ ଦଳର ନେତୃବୃନ୍ଦ ମଧ୍ୟ ଏହିସବୁ ସ୍ଥାନରେ ବିଭିନ୍ନ ର୍‍ୟାଲି ଓ ରୋଡ୍ ଶୋ'ରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଇସି-ହୋମ୍ ଭୋଟିଂ

ଲୋକସଭା ନିର୍ବାଚନ ୨୦୨୪ରେ ଅନ୍ତର୍ଭୁକ୍ତିକରଣ ଏବଂ ଉପଲବ୍ଧତାକୁ ସୁନିଶ୍ଚିତ କରିବା ସହିତ ଶାରିରୀକ ତଥା ଅନ୍ୟ କୌଣସି ବାଧା ଲାଗି ଯେଉଁଲି କୌଣସି ଯୋଗ୍ୟ ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିବାରୁ ବଞ୍ଚିତ ହେବେ ନାହିଁ ସେଥିଲାଗି ନିର୍ବାଚନ ଆୟୋଗ ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି । ମୁଖ୍ୟ ନିର୍ବାଚନ ଆୟୋଗ ରାଜୀବ କୁମାର କହିଛନ୍ତି, ଚଳିତ ନିର୍ବାଚନର ୬ଟି ପର୍ଯ୍ୟାୟ ମତଦାନ ଅବସରରେ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, ତୃତୀୟ ଲିଙ୍ଗୀ ଏବଂ ବିଶେଷା ଭାବେ ଦୁର୍ବଳ ଆଦିବାସୀ ଗୋଷ୍ଠୀଙ୍କ ସମେତ ବିଭିନ୍ନ ବର୍ଗର ଭୋଟରଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି ।

୮୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ବୟସ୍କ ବରିଷ୍ଠ ନାଗରିକ ଏବଂ ୪୦ ପ୍ରତିଶତ ବେଞ୍ଚମାର୍କ ଅକ୍ଷମତା ଥିବା ଦିବ୍ୟାଙ୍ଗ ମାନଙ୍କ ସୁବିଧା ଲାଗି ପ୍ରଥମଥର ନିମନ୍ତେ ଦେଶ ବ୍ୟାପି ସେମାନଙ୍କ ବାସଗୃହରୁ ମତଦାନ କରିବାର ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ କୁମାର କହିଛନ୍ତି । ସେ କହିଛନ୍ତି, ନିର୍ବାଚନକୁ ସୁରୁଖୁରୁରେ ସମ୍ପନ୍ନ କରିବା ସହିତ ପ୍ରତ୍ୟେକ ଯୋଗ୍ୟ ନାଗରିକ ଯେଭଳି ନିଜର ମତାଧିକାର ସାବ୍ୟସ୍ତ କରିପାରିବେ ସେଥିଲାଗି ଦୁଇ ବର୍ଷ ପୂର୍ବରୁ ଭୋଟର ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା ।

ବିଭିନ୍ନ ବର୍ଗର ମତଦାତାଙ୍କ ପଞ୍ଜୀକରଣ ଲାଗି ସ୍ୱତନ୍ତ୍ର ଅଭିଯାନମାନ ଆୟୋଗଙ୍କ ପକ୍ଷରୁ ଏଥିଲାଗି କରାଯାଇଥିଲା । ବିଶେଷ କରି ଭୋଟ୍ ଦେବା ଅଧିକାରରୁ ବଞ୍ଚିତ ହେଉଥିବା ବିଭିନ୍ନ ସମ୍ପ୍ରଦାୟର ଯୋଗ୍ୟ ନାଗରିକଙ୍କୁ ଏହି ପ୍ରକ୍ରିୟାରେ ଅଧିକରୁ ଅଧିକ ସଂଖ୍ୟାରେ ସାମିଲ କରିବା ଉଦ୍ଦେଶ୍ୟରେ ନିର୍ବାଚନ ଆୟୋଗ ବହୁବିଧ ରଣନୀତି କାର୍ଯ୍ୟକାରି କରିଥିଲେ ବୋଲି ଶ୍ରୀ କୁମାର କହିଛନ୍ତି ।

## ସିଟିଜେନ୍‌ସିପ୍-ୱେଷ୍ଟବେଙ୍ଗଲ

ନାଗରିକତା ସଂଶୋଧନ ଆଇନ୍ ୨୦୨୪ ଅଧୀନରେ ପଶ୍ଚିମବଙ୍ଗରେ ଗତକାଲି ପ୍ରଥମ ପର୍ଯ୍ୟାୟ ନାଗରିକତା ସାର୍ଟିଫିକେଟ୍ ମଞ୍ଜୁର କରାଯାଇଛି । ରାଜ୍ୟ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଏହି ସାର୍ଟିଫିକେଟ୍ ପ୍ରଦାନ କରିଛନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ହରିଆନା ଓ ଉତ୍ତରାଖଣ୍ଡର ଏ ସମ୍ପର୍କିତ ଉଚ୍ଚ କ୍ଷମତାପନ୍ନ କମିଟି ମଧ୍ୟ ଗତକାଲି ପ୍ରଥମ ପର୍ଯ୍ୟାୟ ଆବେଦନକାରୀଙ୍କୁ ନାଗରିକତା ପ୍ରଦାନ କରିଛନ୍ତି । ଏହି ଆଇନ୍ ଅଧୀନରେ ଗତ ୧୫ ତାରିଖ ଦିନ ନୂଆଦିଲ୍ଲୀରେ ପ୍ରଥମଥର ଲାଗି ସ୍ୱରାଷ୍ଟ୍ର ସଚିବଙ୍କ ଦ୍ୱାରା ନାଗରିକତା ସାର୍ଟିଫିକେଟ୍ ସମ୍ପୃକ୍ତ ଆବେଦନକାରୀଙ୍କୁ ପ୍ରଦାନ କରାଯାଇଛି ।

ଏଠାରେ ସୂଚନା ଦିଆଯାଇପାରେ, ଗତ ମାର୍ଚ୍ଚ ୧୧ ତାରିଖ ଦିନ କେନ୍ଦ୍ର ସରକାର ନାଗରିକତା ସଂଶୋଧନ ଆଇନ୍ ସମ୍ପର୍କିତ ବିଜ୍ଞପ୍ତି ଜାରି କରିଥିଲେ । ଏହି ବିଜ୍ଞପ୍ତି ଅନୁଯାୟୀ ପାକିସ୍ତାନ, ବାଂଲାଦେଶ ଓ ଆଫ୍‌ଗାନିସ୍ତାନରୁ ୨୦୧୪ ମସିହା ଡିସେମ୍ବର ୩୧ ତାରିଖ ସୁଦ୍ଧା ଯେଉଁ ହିନ୍ଦୁ, ଶିଖ୍, ଜୈନ, ବୌଦ୍ଧ, ପାର୍ସି ଏବଂ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ବ୍ୟକ୍ତି ଭାରତ ମଧ୍ୟକୁ ପ୍ରବେଶ କରିଥିବେ ସେହି ବ୍ୟକ୍ତିମାନେ ହିଁ ଆବେଦନ କରି ଏହି ନୂତନ ନିୟମ ଅଧୀନରେ ଭାରତୀୟ ନାଗରିକତା ପାଇପାରିବେ । ଏହି ସମ୍ପୂର୍ଣ୍ଣ ଆବେଦନ ପ୍ରକ୍ରିୟା ଅନ୍‌ଲାଇନ୍ ପୋର୍ଟାଲ୍‌ରେ ସମ୍ପନ୍ନ କରାଯାଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି ।

## ବକ୍ସିଂ

ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ଚାଲିଥିବା ବିଶ୍ୱ ଅଲିମ୍ପିକ୍ ବକ୍ସିଂ ଯୋଗ୍ୟତା ପ୍ରତିଯୋଗୀତାରେ ଭାରତର ଅଙ୍କୁସିତା ବୋରୋ ୬୦ କିଲୋଗ୍ରାମ୍ ବର୍ଗରେ

କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି । ସେହିଭଳି ନିଶାନ୍ତ ଦେବ ୭୧ କିଲୋଗ୍ରାମ ବର୍ଗରେ ଥାଇଲାଣ୍ଡର ପିତାପାତ ୟାସୁଙ୍ଗ୍-ନୋଇନ୍‌ଙ୍କୁ ୫-୦ରେ ପରାସ୍ତ କରି ଏହି ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି ।

ସେହିଭଳି ଅରୁନ୍ଧତି ଚୌଧୁରୀ *୬୬* କିଲୋଗ୍ରାମ ବର୍ଗରେ ପୁଇଟୋ-ରିକୋର ଷ୍ଟିଫେନି ପିନେଇରୋଙ୍କୁ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।

## ମନସୁନ୍

ଦକ୍ଷିଣ ପଶ୍ଚିମ ମୌସୁମୀ ଆଜି କେରଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ପାଣିପାଗ ବିଭାଗ କହିଛି, ପୂର୍ବଧାର୍ଯ୍ୟ ଦିନ ତଥା ଜୁନ୍ ପହିଲାରୁ ଦୁଇ ଦିନ ପୂର୍ବରୁ ମୌସୁମୀ କେରଳ ଛୁଇଁବାର ସମସ୍ତ ଅନୁକୂଳ ପରିବେଶ ସୃଷ୍ଟି ହୋଇଛି । ଆଜି କେରଳ ଛୁଇଁବା ପରେ ଏହା ଉତ୍ତର ପଶ୍ଚିମ ରାଜ୍ୟ ଗୁଡ଼ିକୁ ଅଗ୍ରସର ହୋଇପାରେ ବୋଲି ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର ଆକାଶବାଣୀକୁ କହିଛନ୍ତି । ଏହାଛଡ଼ା କେରଳ, ଆଣ୍ଡାମାନ ନିକୋବର ଦ୍ୱୀପ ଓ ମାହେର ବିଭିନ୍ନ ସ୍ଥାନରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ଏହାଛଡ଼ା ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗର ଗାଙ୍ଗେୟ ଉପତ୍ୟକା ଏବଂ ଓଡ଼ିଶାର କେତେକ ସ୍ଥାନରେ ଆଗାମୀ ୬ ଦିନ ମଧ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି ।